## ବିନା ଲଢ଼େଇରେ ଭାରତ ପାଇଁ ପ୍ରଥମ ପଦକ ପକ୍କା କଲେ ଷ୍ଟାର ବକ୍ସର ଲଭଲୀନା



ନୂଆଦିଲ୍ଲୀ, ୨୩/୭(ନ୍ୟୁ.ଏ): ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬ର ଉଦଘାଟନ ସମାରୋହ ପୂର୍ବରୁ ଭାରତ ପାଇଁ ଆସିଛି ଖୁସି ଖବର । ଓପନିଂ ସେରିମନି ପୂର୍ବରୁ ବକ୍ସିଂରେ ଭାରତର ଗୋଟିଏ ପଦକ ପକ୍କା ହୋଇଛି । ଭାରତର ଷ୍ଟାର ମହିଳା ବକ୍ସର ଲଭଲୀନା ବୋର୍ଗୋହେନ୍ ଦେଶ ପାଇଁ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ପଦକ ପକ୍କା କରିଛନ୍ତି । ସେ ୭୫ କେଜି ବକ୍ସିଂ ବର୍ଗର ସେମିଫାଇନାଲରେ ସିଧାସଳଖ ପ୍ରବେଶ କରି ଭାରତ ପାଇଁ ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ କରିବାକୁ ସକ୍ଷମ ହୋଇଛନ୍ତି । ଅଲିମ୍ପିକରେ ଭାରତ ପାଇଁ ପଦକ ଜିତିଥିବା ଲଭଲୀନାଙ୍କୁ ତାଙ୍କ ବର୍ଗର ରାଉଣ୍ଡରେ ବାଏ ମିଳିଛି । ସେ ବାଇ ପାଇ ସିଧା ସେମି ଫାଇନାଲରେ ପହଂଚି ସାରିଛନ୍ତି । ରାଜ୍ୟଗୋଷ୍ଠୀର ବକ୍ସିଂ ଫର୍ମାଟ୍ ଅନୁଯାୟୀ ସେମିଫାଇନାଲରେ ପରାଜିତ ହେଉଥିବା ଉଭୟ ବକ୍ସରଙ୍କୁ କାଂସ୍ୟ ପଦକ ଦିଆଯାଏ । ତେଣୁ ଗ୍ଲାସଗୋରେ ରିଙ୍ଗକୁ ପ୍ରବେଶ କରିବା ପୂର୍ବରୁ ହିଁ ଲଭଲୀନାଙ୍କ ପୋଡିୟମ୍‌ରେ ସ୍ଥାନ ସୁରକ୍ଷିତ ରହିଯାଇଛି । ଏବେ ଲଭଲୀନା ଜୁଲାଇ ୩୧ରେ ତୁଭାଲର ଟିକେଟିପି ଟାଫାକିଙ୍କ ବିପକ୍ଷରେ ତାଙ୍କ ଅଭିଯାନ ଆରମ୍ଭ କରିବେ । ସେ ଟାଫାକିଙ୍କ ବିପକ୍ଷରେ ଯଦି ବିଜୟୀ ହୁଅନ୍ତି, ତେବେ ସେ ଫାଇନାଲରେ ପ୍ରବେଶ କରିବେ । ମହିଳା ୭୫ କିଲୋଗ୍ରାମ୍ ମିଡିଲ୍‌ୱେଟ୍ ବର୍ଗରେ ନମ୍ବର-୧ ସିଡ୍ ଥିବା ଲଭଲୀନା ୫ ଜଣିଆ ପ୍ରତିଯୋଗିତାରେ ବାଏ ପାଇ ସିଧାସଳଖ ସେମିଫାଇନାଲରେ ପହଂଚିଛନ୍ତି । ଏହି ବର୍ଗରେ ମାତ୍ର ୫ ଜଣ ପ୍ରତିଯୋଗୀ ଥିବାରୁ ଲଭଲୀନାଙ୍କ ସମେତ ୩ ଜଣଙ୍କୁ ସିଧାସଳଖ ସେମିଫାଇନାଲ ଟିକେଟ ମିଳିଛି । ଅବଶିଷ୍ଟ ୨ ଜଣ ପ୍ରତିଯୋଗୀ ଏକମାତ୍ର କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହେବେ । ବର୍ମିଂହାମ୍ କମନ୍‌ୱେଲ୍‌ଥ ଗେମ୍ସରେ ଭାରତ ୬୧ଟି ପଦକ ଜିତିଥିଲା । କିନ୍ତୁ ଗ୍ଲାସଗୋରେ ଇଭେଂଟ ସଂଖ୍ୟା ମାତ୍ର ୧୦କୁ କମି ଯାଇଛି । ତଥାପି ଭାରତ ୪ ବର୍ଷ ପୂର୍ବର ସଫଳତା ମଧ୍ୟ ଏଥର ଦୋହରାଇବାକୁ ଲକ୍ଷ୍ୟ ରଖିଛି । ବର୍ମିଂହାମରେ ଭାରତ କୁସ୍ତି, ବ୍ୟାଡମିଂଟନ୍, ଟେବୁଲ୍ ଟେନିସ୍, ହକି ଓ କ୍ରିକେଟ୍ ଭଳି କ୍ରୀଡ଼ାରୁ ପଦକ ଜିତିଥିଲା । କିନ୍ତୁ ଏଥର ଏହି ଖେଳ ଗୁଡ଼ିକକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ କରାଯାଇ ନାହିଁ । ବର୍ମିଂହାମ୍‌ରେ ଏହି ସମସ୍ତ କ୍ରୀଡ଼ାରୁ ଭାରତକୁ ୨୮ଟି ପଦକ ମିଳିଥିଲା । ଏଥର ଭାରତ ଆଥଲେଟିକ୍ସ ଓ ଭାରୋତ୍ତୋଳନରୁ ଅଧିକ ପଦକ ଆଶା ରଖିଛି । ହେଲେ ଏହାପୂର୍ବରୁ ବକ୍ସିଂରେ ଲଭଲୀନାଙ୍କୁ ବାଏ ମିଳିବା ଭାରତୀୟ ଦଳ ପାଇଁ ନିଶ୍ଚିତ ଭାବେ ଖୁସିର ଖବର । ଆସାମର ଏହି ବକ୍ସର ଗୁରୁବାର ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ଭାରତର ଧ୍ୱଜବାହକମାନଙ୍କ ମଧ୍ୟରୁ ଜଣେ ।

# ଜିମ୍ବାୱେ ବିପକ୍ଷରେ ଭାରତ ୭ ୱିକେଟ୍‌ରେ ବିଜୟୀ



ନୂଆଦିଲ୍ଲୀ, ୨୩/୭(ନ୍ୟୁ.ଏ): ଟିମ୍ ଇଣ୍ଡିଆର ବଡ଼ ବିଜୟ । ପ୍ରଥମ ଟି-୨୦ରେ ଜିମ୍ବାୱେକୁ ୭ ୱିକେଟରେ ପରାସ୍ତ କରିଛି । ୧୨୬ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦଳ ୩୪ ବଲ ପୂର୍ବରୁ ଏହାକୁ ହାସଲ କରି ନେଇଛି । ଦଳ ପକ୍ଷରୁ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ଭାରତ ଆଗରେ ୧୨୬ ରନର ବିଜୟ ଲକ୍ଷ୍ୟ ରହିଥିଲା । ଓପନର ଅଭିଷେକ ଶର୍ମା ୮ ବଲରୁ ମାତ୍ର ୧ ରନ କରି ଆଉଟ୍ ହୋଇଥିଲେ । ତେବେ ସାଥୀ ଖେଳାଳି ବୈଭବଙ୍କ ବ୍ୟାଟ୍ କିନ୍ତୁ ଅଟକି ନଥିଲା । ସେ ଇଶାନଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ବଢ଼ାଇବା ସହ ୧୯ ବଲରୁ ୫୦ ରନ କରିଛନ୍ତି । ଯେଉଁଥିରେ ୪ ଚୌକା ଏବଂ ୪ ଛକା ରହିଛି । ଏହା ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ । ଏହାସହ ଭାରତ ପକ୍ଷରୁ ଇଶାନ କିଷନ ୨୪ ବଲରୁ ୩୫ ରନ କରିଛନ୍ତି । ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଶ୍ରେୟସ ଆୟାର ୨୮ ରନ କରିଥିବାବେଳେ ତିଲକ ବର୍ମା ରନ କରିବାରେ ସକ୍ଷମ ହୋଇଛନ୍ତି । ସେପଟେ ଜିମ୍ବାୱେ ପକ୍ଷରୁ ମୁଜରବାନି ୨ଟି ୱିକେଟ ଅକ୍ତିଆର କରିଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ । ଜିମ୍ବାୱେ ବ୍ୟାଟିଂ କରିଥିବାବେଳେ ପ୍ରଥମ ବଲରୁ ଲାଗିଥିଲା ଝଟକା । ମୟଙ୍କ ଯାଦବ ଭାରତକୁ ଦେଇଥିଲେ ସଫଳତା । ଜିମ୍ବାୱେର ବ୍ୟାଟରମାନେ ତିନି ଦ୍ରୁତ ବୋଲର-ମୟଙ୍କ ଯାଦବ, ଅଶୋକ ଶର୍ମା ଏବଂ ପ୍ରିନ୍ସ ଯାଦବଙ୍କ ଘାତକ ବୋଲିଂକୁ ସହ୍ୟ କରିପାରି ନଥିଲେ । ମୟଙ୍କ ଯାଦବ ଓପନିଂ ଡେଲିଭରିରେ ବ୍ରାଏନ୍ ବେନେଟ୍‌ଙ୍କୁ ଆଉଟ୍ କରିଥିଲେ । ପରେ ଦଳର ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ ତିଷ୍ଠିପାରିନଥିଲେ । ଦଳ ୭ ୱିକେଟରେ ୧୨୫ ରନ କରିବାରେ ସକ୍ଷମ ହୋଇଥିଲା । ୱେସଲି ମାଧେଭେରେ ଏବଂ ତାଡିୱାନାଶେ ମାରୁମାନି ଏକ ଗୁରୁତ୍ୱପୂର୍ଣ୍ଣ ୫୭ ରନ୍ ଭାଗୀଦାରି କରିଥିଲେ, ଯାହା କୌଣସି ପ୍ରକାରେ ଜିମ୍ବାୱେର ମୋଟ ସ୍କୋରକୁ ୧୦୦ ରନ୍ ଅତିକ୍ରମ କରିବାରେ ସହାୟକ ହୋଇଥିଲା । ଏହାସହ ବ୍ରୁକ୍ ୨୭ ରନ କରିବାରେ ସକ୍ଷମ ହୋଇଥିଲେ । ଦଳର ବାକି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଭାରତ ପକ୍ଷରୁ ମୟଙ୍କ ଏବଂ ପ୍ରିନ୍ସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଏହାସହ ଶିଭମ ଦୁବେ ଏବଂ ବିଷ୍ଣୋଇ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

## ଜେନେରିକ୍ ଔଷଧ ଉପରେ ୨୦୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କଲେ ଟ୍ରମ୍ପ



ନୂଆଦିଲ୍ଲୀ, ୨୩/୭(ନ୍ୟୁ.ଏ): ଆମେରିକା ଅଗଷ୍ଟ ୨୦୨୮ ରୁ ଆମଦାନୀ ହେଉଥିବା ଜେନେରିକ୍ ଔଷଧ ଉପରେ କଡ଼ା ଶୁଳ୍କ (ଟାରିଫ୍) ଲଗାଇବାକୁ ଘୋଷଣା କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନୁଯାୟୀ, ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଏପରି ଫାର୍ମାସ୍ୟୁଟିକାଲ୍ ଉତ୍ପାଦଗୁଡ଼ିକର ଉତ୍ପାଦନ ନିଜ ଦେଶ ଭିତରେ ବୃଦ୍ଧି କରିବା । ଏହି ପଦକ୍ଷେପ ଆମେରିକାକୁ ସବୁଠାରୁ ଅଧିକ ଜେନେରିକ୍ ଔଷଧ ରପ୍ତାନି କରୁଥିବା ଭାରତକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ନିଜର 'ଟ୍ରୁଥ୍ ସୋସିଆଲ୍' ପ୍ଲାଟଫର୍ମରେ ପୋଷ୍ଟ କରି ଟ୍ରମ୍ପ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଲାଗୁ ହେବାକୁ ଥିବା ଏହି ଶୁଳ୍କ (ଟାରିଫ୍) ଯୋଜନା ଚଳିତ ବର୍ଷ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ ଏବଂ ପ୍ରଥମ ଦୁଇ ବର୍ଷ ପାଇଁ ଦେଶକୁ ଆସୁଥିବା ସମସ୍ତ ଜେନେରିକ୍ ଔଷଧ ଉପରେ ଆମେରିକା ଶୂନ୍ୟ ପ୍ରତିଶତ (୦%) ଶୁଳ୍କ ବଜାୟ ରଖିବ । ତୃତୀୟ ବର୍ଷ ପାଇଁ ଶୁଳ୍କ ୧୦୦ ପ୍ରତିଶତକୁ ବୃଦ୍ଧି କରାଯିବ ଏବଂ ତା'ପରେ ଏହା ୨୦୦ ପ୍ରତିଶତ ହେବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଆମେରିକାରେ ଜେନେରିକ୍ ଫାର୍ମାସ୍ୟୁଟିକାଲ୍ ଉତ୍ପାଦନକୁ ପୁନଃପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଏହା କରାଯାଉଛି, ଯେଉଁଥିରେ ସେମାନଙ୍କୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାରଖାନା ଓ ଉପକରଣ ନିର୍ମାଣ ନକରିବାକୁ ନିଷ୍ପତ୍ତି ନେଇଥିବା କମ୍ପାନୀଗୁଡ଼ିକ ଉପରେ ଜୋରିମାନା ଲଗାଯିବ । ରାଷ୍ଟ୍ରପତି କହିଛନ୍ତି ଯେ ଏହି ନୀତିର ଉଦ୍ଦେଶ୍ୟ ହେଉଛି ଆମେରିକାର ଜନସାଧାରଣଙ୍କୁ ସୁରକ୍ଷିତ ରଖିବା । ଭାରତ ବିଶ୍ୱର ବିଭିନ୍ନ ଦେଶକୁ ଜେନେରିକ୍ ଔଷଧ ଯୋଗାଉଥିବାରୁ ଏହାକୁ ପ୍ରାୟତଃ 'ବିଶ୍ୱର ଫାର୍ମାସୀ' ବୋଲି କୁହାଯାଏ । ଆମେରିକାରେ ଭାରତୀୟ ଜେନେରିକ୍ ଔଷଧ ମୋଟ ବ୍ୟବହାରର ପ୍ରାୟ ୪୦ ପ୍ରତିଶତ ଅଂଶଗ୍ରହଣ କରିଥାଏ । 'ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍'ର ଏକ ରିପୋର୍ଟ ଅନୁଯାୟୀ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ଭାରତ ଆମେରିକାକୁ ୯.୭ ବିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ଫାର୍ମାସ୍ୟୁଟିକାଲ୍ ଉତ୍ପାଦ ରପ୍ତାନି କରିଥିଲା, ଯାହାକି ତାହାର ମୋଟ ବିଶ୍ୱ ସ୍ତରୀୟ ଫାର୍ମା ରପ୍ତାନି (୨୫.୮ ବିଲିୟନ୍ ଡଲାର) ର ୩୮ ପ୍ରତିଶତ ଅଟେ । ଟ୍ରମ୍ପଙ୍କ ଏହି ନୂତନ ଶୁଳ୍କ (ଟାରିଫ୍) ଧମକ ଭାରତୀୟ ଔଷଧ କମ୍ପାନୀଗୁଡ଼ିକୁ କିପରି ପ୍ରଭାବିତ କରିବ, ତାହା ତୁରନ୍ତ ସ୍ପଷ୍ଟ ହୋଇନାହିଁ । ଭାରତ ଏବଂ ଆମେରିକା ମଧ୍ୟରେ ଫେବୃଆରୀ ମାସରେ ଏକ ବାଣିଜ୍ୟ ଚୁକ୍ତି ହୋଇଥିଲା, ଯେଉଁଥିରେ ସର୍ତ୍ତ ରହିଛି ଯେ ଭାରତ 'ଜେନେରିକ୍ ଫାର୍ମାସ୍ୟୁଟିକାଲ୍ସ ଏବଂ ଏହାର ଉପାଦାନ ସମ୍ବନ୍ଧରେ ଆଲୋଚନା ମାଧ୍ୟମରେ ନିଷ୍କର୍ଷ ପାଇବ ।

## ଭାରତୀୟ ନୌସେନାରେ ସାମିଲ ହେଲା ସ୍ୱଦେଶୀ ଯୁଦ୍ଧଜାହାଜ 'ଆଇଏନ୍‌ଏସ୍ ମାଲଭାନ୍'

ନୂଆଦିଲ୍ଲୀ, ୨୩/୭ (ନ୍ୟୁ.ଏ): ନୌସେନାରେ ସାମିଲ ହେଲା ମାଲଭାନ୍ । ଭାରତୀୟ ନୌସେନାରେ ସାମିଲ ହୋଇଛି ଆଉ ଏକ ସ୍ୱଦେଶୀ ଯୁଦ୍ଧଜାହାଜ । ଦ୍ୱିତୀୟ ସ୍ୱଦେଶୀ 'ମାହେ' କ୍ଲାସ୍ ଆଂଟି-ସବ୍‌ମେରିନ୍ ୱାରଫେୟାର ଶାଲୋ ୱାଟର କ୍ରାଫ୍ଟ ଆଇଏନ୍‌ଏସ୍ ମାଲଭାନକୁ ଔପଚାରିକ ଭାବେ ଭାରତୀୟ ନୌସେନାରେ ସାମିଲ କରାଯାଇଛି । କର୍ଣ୍ଣାଟକର କାରୱାରଠାରେ ଏହାର ଜଳାବତରଣ ହୋଇଛି । ଏହି ଜଳାବତରଣ କାର୍ଯ୍ୟକ୍ରମରେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶଲ ଏ.ପି ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଯୁଦ୍ଧପୋତକୁ ସମ୍ପୂର୍ଣ୍ଣ ଭାବେ ଭାରତରେ ହିଁ ଡିଜାଇନ ଏବଂ ନିର୍ମାଣ କରାଯାଇଛି । କୋଚିନ୍ ଶିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ଏହି ଜାହାଜ ନିର୍ମାଣ ହୋଇଛି । ଆଇଏନ୍‌ଏସ୍ ମାଲଭାନର ଲମ୍ବ ୮୦ ମିଟର ଏବଂ ଏହାର ଓଜନ ୧,୧୦୦ ଟନରୁ ଅଧିକ । ଏହା ଉପକୂଳବର୍ତ୍ତୀ ଅଂଚଳରେ କମ୍ ଗଭୀର ପାଣିରେ ଆଂଟି ସବ୍‌ମେରିନ ଅପରେସନ, ସାମୁଦ୍ରିକ ଅପରେସନ ଏବଂ ମାଇନ୍ ଯୁଦ୍ଧ ପରିଚାଳନା ଲାଗି ନିର୍ମାଣ କରାଯାଇଛି । ଏ ନେଇ ବାୟୁସେନା ମୁଖ୍ୟ ଏ.ପି ସିଂହ କହିଛନ୍ତି, ଭବିଷ୍ୟତର କୌଣସି ବି ଯୁଦ୍ଧ କେବଳ ଗୋଟିଏ ସେନା ଦ୍ୱାରା ଲଢ଼ାଯିବ ନାହିଁ । ବାୟୁ, ସ୍ଥଳ ଏବଂ ନୌସେନା ଏକାଠି ଲଢ଼ିଲେ ହିଁ ବିଜୟ ସହଜ ହେବ ।

## ରାହୁଲ ଗାନ୍ଧୀଙ୍କ ବାସଭବନରେ ଇଣ୍ଡିମେଂଟ ନେତାଙ୍କ ବୈଠକ

ନୂଆଦିଲ୍ଲୀ, ୨୩/୭ (ନ୍ୟୁ.ଏ): ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ଏହି ପ୍ରସଙ୍ଗରେ ସଂସଦ ମଧ୍ୟ ଅଚଳ ହୋଇଯାଇଛି । ଏଭଳି ସ୍ଥିତିରେ ଆଜି କଂଗ୍ରେସନେତା ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଇଣ୍ଡିମେଂଟ ନେତାମାନଙ୍କର ଏକ ବୈଠକ କରିଛନ୍ତି । ସୁନହରୀ ବାଗ୍ ରୋଡ୍ ସ୍ଥିତ ରାହୁଲ ଗାନ୍ଧୀଙ୍କ ବାସଭବନରେ ହୋଇଥିବା ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ସାଂସଦ ପି ଚିଦମ୍ବରମ, କେସି ବେଣୁଗୋପାଳ, ଜୟରାମ ରମେଶ, ରେଣୁକା ଚୌଧୁରୀ, ପ୍ରମୋଦ ତିୱାରୀ, ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ ଓ ଆରଜେଡିର ମିସା ଭାରତୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଛନ୍ତି । ଲୋକସଭାରୁ ନିଲମ୍ବିତ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ଓ ଦଳର ନେତା ମହୁଆ ମୈତ୍ର, ସିପିଏମ୍‌ର ପି ସନ୍ତୋଷ କୁମାର ଓ ଶିବସେନା (ୟୁବିଟି) ସାଂସଦ ଅରବିନ୍ଦ ସାୱନ୍ତ ମଧ୍ୟ ବିରୋଧୀ ଦଳ ନେତାମାନଙ୍କ ବୈଠକରେ ଯୋଗ ଦେଇଛନ୍ତି । ଆଜି ଏହି ବୈଠକ ପାଇଁ ରାହୁଲଙ୍କ ବାସଭବନ ବାହାରେ ବାରିକେଡ୍ ସହ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା । ରାହୁଲଙ୍କ ବାସଭବନ ବାହାରେ ଆରଏଏଫ୍ (ରାପିଡ ଆକ୍ସନ୍ ଫୋର୍ସ) ମୁତୟନ ହୋଇଛନ୍ତି । ବୈଠକ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିମେଂଟ ସାଂସଦମାନେ ତିନୋଟି ବସ୍‌ରେ ତିସ୍ ଜାନୁଆରି ମାର୍ଗ ସ୍ଥିତ ଗାନ୍ଧୀ ସ୍ମୃତି ସ୍ଥଳ ଯାଇଛନ୍ତି । ଏକ୍ସରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି, ଏବେ ଇଣ୍ଡିମେଂଟ ନେତାମାନେ ଗାନ୍ଧୀ ସ୍ମୃତିସ୍ଥଳକୁ ଯାଉଛନ୍ତି । ନିଟ୍ ପ୍ରଶ୍ନପତ୍ର ପ୍ରଘଟ ହେବାପରେ ଆମେ ଯେଉଁ ପିଲାମାନଙ୍କୁ ହରାଇଥିଲୁ ସେମାନଙ୍କୁ ମନେ ପକାଇବା ପାଇଁ ଆମେ ସେଠାକୁ ଯାଉଛୁ । ଯେଉଁ ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ଦାବି କରି ଆଜି ମାଡ଼ ଖାଇଛନ୍ତି ଆମେ ସେମାନଙ୍କ ସହ ଠିଆ ହେବାପାଇଁ ଯାଉଛୁ । ଭାରତର ଛାତ୍ରମାନେ ଏକା ନୁହନ୍ତି । ସମଗ୍ର ବିରୋଧୀ ସେମାନଙ୍କ ସହ ରହିଛନ୍ତି ବୋଲି ରାହୁଲ କହିଛନ୍ତି ।

# ଏକାକୀ ପୁଲିସ୍ ଭ୍ୟାନ ଅଟକାଇ ବିକ୍ଷୋଭକାରୀଙ୍କୁ ମୁକ୍ତ କଲେ ଯୁବତୀ



ନୂଆଦିଲ୍ଲୀ, ୨୩/୭(ନ୍ୟୁ.ଏ): ଅଧିକାର ସାମ୍ନାରେ ନିର୍ଭୀକତା । ଦମନ ସାମ୍ନାରେ ସାହସ । ସମଗ୍ର ବ୍ୟବସ୍ଥା ସାମ୍ନାରେ ଜଣେ ନାଗରିକର ଦୃଢ଼ ଉପସ୍ଥିତି । ଜଣେ ମହିଳାଙ୍କ ପ୍ରତିବାଦର ଏମିତି ଏକ ଦୃଶ୍ୟ, ଯାହା ଆଶ୍ଚର୍ଯ୍ୟ ସହ ଅନ୍ୟମାନଙ୍କ ମନରେ ଆଶା ମଧ୍ୟ ସୃଷ୍ଟି କରିଛି । ମୁମ୍ବାଇରେ ଯେତେବେଳେ ଗୋଟିଏ ପୁଲିସ ଭ୍ୟାନ୍ ସାମ୍ନାରେ ରିୟା ଅହିର ବେଶ ସଶକ୍ତ ହୋଇ ଠିଆ ହୋଇଥିଲେ ସେତେବେଳେ ସେଠାରେ ଚାଲିଥିବା ପ୍ରତିବାଦର ସବୁଠାରୁ ପ୍ରଭାବଶାଳୀ ଚିତ୍ରରେ ସାମ୍ନାକୁ ଆସିଥିଲା । ୨୭ ବର୍ଷୀୟ ଯୁବତୀ ରିୟା କାହାକୁ ଖାତିର ନ କରି ଖୁଂଟ ଭଳି ପୁଲିସ୍ ଭ୍ୟାନକୁ ଅଟକାଇଥିଲେ । ତାଙ୍କ ଯୋଗୁ ଭ୍ୟାନରେ ଭର୍ତ୍ତି କରି ପୁଲିସ୍ ନେଉଥିବା ଯୁବ ବିକ୍ଷୋଭକାରୀଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା । ଏବେ ରିୟା ସମସ୍ତଙ୍କ ରୋଲ୍ ମଡେଲ୍ ବନି ଯାଇଛନ୍ତି । ପରୀକ୍ଷା ଅନିୟମିତତାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ମୁମ୍ବାଇରେ ଚାଲିଥିବା ଆନ୍ଦୋଳନ ସମୟରେ ରିୟା ଅହିର ଦେଖାଇଥିଲେ ସାହାସ । ବିକ୍ଷୋଭ ସ୍ଥଳରୁ ଶିକ୍ଷାର୍ଥୀମାନଙ୍କୁ ଉଠାଇ ନେଉଥିବା ପୁଲିସ ଭ୍ୟାନ୍‌କୁ ସେ ବିଚ ରାସ୍ତାରେ ଅଟକାଇଥିଲେ । ଏହି ସମୟରେ ହେଉଥିଲା ଝିପଝିପ ବର୍ଷା । ପୁଲିସ୍ ତାଙ୍କୁ ଗାଡ଼ି ଆଗରୁ ହଟିବାକୁ କହିଥିଲା । କିନ୍ତୁ ଯୁବତୀ ଜଣଙ୍କ ନ ଡରି ସେମିତି ଭ୍ୟାନ ଆଗରେ ଛିଡ଼ା ହୋଇ ରହିଥିଲେ । ତାଙ୍କର ଏହି ପ୍ରତିବାଦ ଯୋଗୁ ମୁମ୍ବାଇର ଦାଦର ଅଂଚଳର ଶିବାଜୀ ପାର୍କ ନିକଟରୁ ପୁଲିସ୍ ଉଠାଇ ଆଣିଥିବା ବିକ୍ଷୋଭକାରୀଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା । ଘଟଣା ପରେ ରିୟା ଦେଖାଇଥିବା ସାହାସିକତାର ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି । ଏହାପରେ ରିୟା କହିଛନ୍ତି, "ମୁଁ ପ୍ରତିବାଦରେ ଯୋଗଦେବାକୁ ଯାଇଥିଲି ଓ ମୋ ସାଙ୍ଗମାନଙ୍କୁ ଅପେକ୍ଷା କରିଥିଲି । କିଛି ଦୂରରେ ଚାଲିଥିବା ବିକ୍ଷୋଭ ସ୍ଥଳରୁ ଉସାହଭରା ସ୍ଲୋଗାନ୍ ମୋତେ ଶୁଣା ଯାଉଥିଲା । ଏହି ସ୍ଲୋଗାନ ହିଁ ମୋତେ ପ୍ରଭାବିତ କରିଥିଲା । ବିକ୍ଷୋଭ ସ୍ଥଳକୁ ଯାଉଥିବା ବେଳେ ଶିକ୍ଷାର୍ଥୀମାନଙ୍କୁ ନେଇ ଯାଉଥିବା ଗୋଟିଏ ପୁଲିସ୍ ଭ୍ୟାନ ଉପରେ ମୋର ନଜର ପଡ଼ିଥିଲା । ଭ୍ୟାନ୍‌ରେ ବିକ୍ଷୋଭକାରୀ ଭର୍ତ୍ତି ହୋଇ ରହିଥିଲେ । ପୁଲିସକର୍ମୀମାନେ ମଧ୍ୟ ଗାଡ଼ିରେ ଝୁଲି ରହିଥିଲେ । ଭ୍ୟାନ ଭିତରେ ଥିବେ ଶିକ୍ଷାର୍ଥୀମାନେ ସେମାନେ ଚିତ୍କାର କରୁଥିଲେ ଓ ସ୍ଲୋଗାନ୍ ଦେଉଥିଲେ । ମୁଁ ପୁଲିସକୁ ପଚାରିଥିଲି କି ସେମାନଙ୍କ ପାଖରେ ଗିରଫ ମେମୋ ଅଛି କି ? କିନ୍ତୁ ସେମାନଙ୍କ ପାଖରେ କୌଣସି ଉତ୍ତର ନଥିଲେ । ଏହାପରେ ମୁଁ ଗାଡ଼ି ଆଗରେ ସେମିତି ଛିଡ଼ା ହୋଇ ରହିଥିଲି ।" ରିୟା ବିକ୍ଷୋଭ କରିବାକୁ ଯାଉଥିବା ଶିକ୍ଷାର୍ଥୀମାନଙ୍କୁ ନିଜ ଅଧିକାର ବିଷୟରେ ଜାଣିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ସେ ଆହୁରି କହିଛନ୍ତି, "ମୁଁ ସ୍ୱତଃସ୍ଫୂର୍ତ୍ତ ଭାବେ ଯାଇ ଭ୍ୟାନ୍ ସାମ୍ନାରେ ଠିଆ ହୋଇଗଲି । ମୋତେ ଲାଗିଲା ଯେ ଯଦି ମୁଁ ପୁଲିସକୁ ସେହି ଶିକ୍ଷାର୍ଥୀମାନଙ୍କୁ ନେବାକୁ ଅନୁମତି ଦେବି, ତା'ହେଲେ ଜଣେ ସଚେତନ ନାଗରିକ ଭାବେ ମୋର କର୍ତ୍ତବ୍ୟରେ ବିଫଳ ହେବି । ମୁଁ ଏହା କରିପାରିଲି । କାରଣ ମୁଁ ଜାଣିଥିଲି ଯେ ପୁଲିସ ଭୁଲ୍ କରୁଛି । ଆପଣଙ୍କୁ ନିଜ ଅଧିକାର ବିଷୟରେ ଜାଣିବା ଦରକାର ।" ଗୋଟିଏ ହାତ ଭ୍ୟାନ୍‌ର ବନେଟ୍ ଉପରେ ରଖି ରିୟା ଯେତେବେଳେ ସେଠାରେ ଦୃଢ଼ ଭାବେ ଠିଆ ହୋଇଥିଲେ ସେତେବେଳେ ଅନେକ ପଥଚାରୀ ମଧ୍ୟ ତାଙ୍କୁ ଉସାହିତ କରିଥିଲେ ।

## ଆଲୋଚନା ପାଇଁ ସ୍ଥାନ ବାଛିବାକୁ ଆନ୍ଦୋଳନକାରୀଙ୍କୁ ସରକାରଙ୍କ ପ୍ରସ୍ତାବ

ନୂଆଦିଲ୍ଲୀ, ୨୩/୭(ନ୍ୟୁ.ଏ): କକ୍ରୋଚ ଜନତା ପାର୍ଟି(ସିଜେପି) ଦିଲ୍ଲୀରେ କରୁଥିବା ଆନ୍ଦୋଳନ ଏବେ ଦେଶର ବିଭିନ୍ନ ପ୍ରାନ୍ତକୁ ବ୍ୟାପିବା ଆରମ୍ଭ ହୋଇଛି । ବିଭିନ୍ନ କ୍ରୀଡ଼ାବିତଙ୍କ ଠାରୁ ଆରମ୍ଭ କରି ସେଲେବ୍ରିଟି ମଧ୍ୟ ଶିକ୍ଷାର୍ଥୀଙ୍କ ବିକ୍ଷୋଭକୁ ସମର୍ଥନ ଘୋଷଣା କରୁଛନ୍ତି । ଦିନକୁ ଦିନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଚାପ ସରକାରଙ୍କ ଉପରେ ବଢ଼ୁଛି । ଏହାକୁ ଦୃଷ୍ଟିରେ ରଖି ସରକାର ଆଜି ପୁଣିଥରେ ଆନ୍ଦୋଳନକାରୀ ଯୁବଗୋଷ୍ଠୀଙ୍କୁ ଆଲୋଚନାର ପ୍ରସ୍ତାବ ଦେଇଛନ୍ତି । ଯୁବଗୋଷ୍ଠୀ ସେମାନଙ୍କ ସମୟ ଅନୁସାରେ ପସନ୍ଦର ସ୍ଥାନ ନିରୂପଣ କରନ୍ତୁ । ସରକାର ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ଆଜି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି । ବୁଧବାର ଠାରୁ ସରକାର ଆଲୋଚନା ପାଇଁ ୪ଟି ପ୍ରସ୍ତାବ ପଠାଇଥିବା କଥା କହି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସରକାର ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ଆଲୋଚନା ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗକୁ ପ୍ରତି ବେଶ ସମ୍ବେଦନଶୀଳ ରହିଛନ୍ତି । ଜିତେନ୍ଦ୍ର ସିଂହ କହିଛନ୍ତି, "ଗତକାଲି ଅପରାହ୍ନଠାରୁ ସେମାନଙ୍କ(ବିକ୍ଷୋଭକାରୀ) ପ୍ରତିନିଧିମାନଙ୍କ ସହ ଆଲୋଚନା ପାଇଁ ସରକାର ୪ଟି ଔପଚାରିକ ପ୍ରସ୍ତାବ ପଠାଇଛନ୍ତି । ଆମର ସମସ୍ତ ଯୁବ ବନ୍ଧୁମାନଙ୍କ ପାଇଁ ଏହା ଏକ ଖୋଲା ଆମନ୍ତ୍ରଣ । ଆପଣମାନଙ୍କ ସୁବିଧା ଅନୁଯାୟୀ, ଯେକୌଣସି ସମୟରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ।" ଆଲୋଚନାରେ ତାଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ମଧ୍ୟ ଯୋଗ ଦେବେ ବୋଲି ସେ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି, "ଆଲୋଚନା ଜେପି ନଡ୍ଡାଙ୍କ ବାସଭବନରେ କିମ୍ବା ମୋ ଅଫିସରେ ବି ହୋଇପାରେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଓ ମୁଁ ଆଲୋଚନାରେ ଉପସ୍ଥିତ ରହିବୁ । ଆଲୋଚନା ମାଧ୍ୟମରେ ଧୀରେ ଧୀରେ ସମାଧାନ ଦିଗରେ ଆଗକୁ ବଢ଼ିବୁ । ଛାତ୍ରଛାତ୍ରୀମାନଙ୍କ କଲ୍ୟାଣ ପାଇଁ ସରକାର ନେଉଥିବା ନିରନ୍ତର ପଦକ୍ଷେପର ଏହା ଏକ ଅଂଶ । ମୁଁ ନମ୍ରତାର ସହ ଆପଣମାନଙ୍କୁ ଆଲୋଚନା ପାଇଁ ଆସିବାକୁ ଅନୁରୋଧ କରୁଛି ।" ନିଟ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ହଜାର ହଜାର ଶିକ୍ଷାର୍ଥୀ ସଂସଦ ଅଭିମୁଖେ ମାର୍ଚ୍ଚ କରିବାକୁ ଚେଷ୍ଟା କରିବାର କିଛି ଦିନ ପରେ ସରକାରଙ୍କ ପକ୍ଷରୁ ଏହି ଆଲୋଚନା ପ୍ରସ୍ତାବ ଆସିଛି । ସରକାର ପ୍ରସ୍ତାବ ଦେଇଥିଲେ ଯେ ସିଜେପିର ପ୍ରତିଷ୍ଠାତା ତା ଅଭିଜିତ ଦୀପକେ ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି ଯେ ତାଙ୍କ ଦଳର ପ୍ରତିନିଧିମାନେ କେଉଁ ଆଡ଼େ ଯିବେ ନାହିଁ । ସରକାର ଯଦି ଆଲୋଚନା କରିବାକୁ ଚାହୁଁଛି, ତେବେ ତାଙ୍କୁ ଏଠାକୁ ଆସିବାକୁ ପଡ଼ିବ । ସରକାରଙ୍କୁ ଆମର ସର୍ତ୍ତ ମାନିବାକୁ ହେବ ବୋଲି ସେ କହିଥିଲେ । ସିଜେପିର ମୁଖପାତ୍ର ଆଶୁତୋଷ ରାଙ୍କା କହିଛନ୍ତି, "ସରକାରଙ୍କ ସହ ଆଲୋଚନା ଗୋଟିଏ ନିରପେକ୍ଷ ସ୍ଥାନ କିମ୍ବା ଯନ୍ତରମନ୍ତରରେ ହୋଇପାରେ । ଆମେ ଆମର ଦାବିରୁ ପଛକୁ ହଟିବୁ ନାହିଁ । ଆମର ଦାବି ହେଉଛି ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ।"

## ଆମେରିକା ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ ପାଇଁ ମସ୍କୋର ଚେତାବନୀ



ମାନିଲା, ୨୩/୭(ନ୍ୟୁ.ଏ): ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆୟୋଜିତ ଆସିଆନ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀ ଅବସରରେ ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାଭରୋଭ ଏବଂ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ୨୦୨୫ ସେପ୍ଟେମ୍ବର ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତକାର । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲାଭରୋଭ ୱାଶିଂଟନକୁ ଚେତାବନୀ ଦେଇ କହିଛନ୍ତି ଯେ, କିଭର ସରକାରଙ୍କୁ ନିରନ୍ତର ଅସ୍ତ୍ରଶସ୍ତ୍ର ସହାୟତା ଯୋଗାଇବା ସମ୍ପୂର୍ଣ୍ଣ 'ଅଗ୍ରହଣୀୟ' । ଏହାସହ ରୁଷକୁ 'ସାମରିକ ପରାଜୟ' ଦେବା ପାଇଁ ୟୁରୋପୀୟ ଦେଶଗୁଡ଼ିକ ଚଳାଉଥିବା ଅସ୍ଥିରତାକାରୀ ନୀତିକୁ ମଧ୍ୟ ସେ କଡ଼ା ଭାବେ ନିନ୍ଦା କରିଛନ୍ତି । ସେପଟେ ଆମେରିକା ବୈଦେଶିକ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦୀର୍ଘଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧର ସମାପ୍ତି ନେଇ ଚର୍ଚ୍ଚା କରିଛନ୍ତି । ଲାଭରୋଭ ଦୋହରାଇଛନ୍ତି ଯେ ରୁଷ କୂଟନୈତିକ ଓ ରାଜନୈତିକ ମାଧ୍ୟମରେ ସମାଧାନ ପାଇଁ ପ୍ରସ୍ତୁତ । ଆମେରିକାର ଧ୍ୟାନ ବର୍ତ୍ତମାନ ମଧ୍ୟପ୍ରାଚ୍ୟ ସଙ୍କଟ ଉପରେ ଥିବା ବେଳେ, ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ ଶାନ୍ତି ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ପାଇଁ ସେ ଆମେରିକୀୟ ଦୂତମାନଙ୍କ ସହ ଆଲୋଚନା କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ରୁଷର ଶକ୍ତି ଭିତିଭୂମି ଉପରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣକୁ ସମର୍ଥନ କରିଛନ୍ତି, ଯାହା ଯୁଦ୍ଧ ଶେଷ କରିବାରେ ସାହାଯ୍ୟ କରିପାରେ ।







Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com

ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das